# NATIONAL NEWS BULLETIN (ODIA)
## 27th September - 2026
## Evening Bulletin : 7.15 p.m.

******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସ୍ୱ-ଜନଗଣନା ପ୍ରକ୍ରିୟାରେ ସାମିଲ୍ ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ଗୁଜରାଟରେ ୧ ହଜାର ୫୦୦ କୋଟି ଟଙ୍କାର ରେଳ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

— ସାବରମତି ଷ୍ଟେସନଠାରୁ ଦେଶର ପ୍ରଥମ ଏଲ୍.ଏନ୍.ଜି. ଚାଳିତ ଟ୍ରେନ୍‌ର କଲେ ଶୁଭାରମ୍ଭ ।

- କଙ୍ଗୋର କିଭୁ ହ୍ରଦରେ ଜାହାଜ ବୁଡ଼ି ୧୨ ଜଣଙ୍କର ମୃତ୍ୟୁ, ଅନେକ ନିଖୋଜ ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ଆଜି ୪ଟି ରୌପ୍ୟ ପଦକ ବିଜୟୀ ହେବା ସହ ପଦକ ସଂଖ୍ୟା ୩୭କୁ ବୃଦ୍ଧି ।

## ମନ କୀ ବାତ୍

ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ବିରୋଧରେ କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଦଶମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ ସହନଶୀଳତା ନୀତିକୁ ପ୍ରଦର୍ଶନ କରେ । ଆକାଶବାଣୀରେ ୧୩୮ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିଛନ୍ତି ।

ଦେଶରେ ଚାଲିଥିବା ଜନଗଣନା ପ୍ରକ୍ରିୟା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ଜନଗଣନା ପ୍ରାୟ ଶେଷ ହୋଇଛି ଏବଂ ଏପର୍ଯ୍ୟନ୍ତ ୩୨ କୋଟି ପରିବାରର ତଥ୍ୟ ରେକର୍ଡ କରାଯାଇଛି । ଲୋକମାନେ se.census.gov.in ପୋର୍ଟାଲ୍ ବ୍ୟବହାର କରି ମୋବାଇଲ୍ ମାଧ୍ୟମରେ ନିଜେ ୧୬ଟି ଭାଷାରେ ସହଜରେ ସ୍ୱ-ଗଣନା ପ୍ରକ୍ରିୟାରେ ସାମିଲ୍ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୨ କୋଟି ୬୦ ଲକ୍ଷରୁ

ଅଧିକ ଲୋକ ସ୍ୱ-ଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିସାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶ ଚଳିତବର୍ଷର ପ୍ରାରମ୍ଭରେ ଜାତୀୟ ଗର୍ବର ଏକ ଭବ୍ୟ ଉତ୍ସବ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରିଛି । ହଜାରେ ବର୍ଷ ପୂର୍ବେ ମହମ୍ମଦ ଗଜନୀଦ୍ୱାରା ସୋମନାଥ ମନ୍ଦିର ଧ୍ୱଂସ ହେବା ଏବଂ ଭାରତୀୟ ସଂସ୍କୃତିର ଦୃଢ଼ ସଙ୍କଳ୍ପ ବଳରେ ଏହାର ଭବ୍ୟ ପୁନଃ ନିର୍ମାଣ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସୋମନାଥ ସ୍ୱାଭିମାନ ପର୍ବର ଗୌରବ ବର୍ଣ୍ଣନା କରିଛନ୍ତି ।

***Voice (PM - Swaviman Parva)*** :......

ମହମ୍ମଦ ଗଜନୀ ଓ ପରେ ଆଲ୍ଲାଉଦ୍ଦିନ୍ ଖିଲିଜିଙ୍କଦ୍ୱାରା ମୋଧେରା ସୂର୍ଯ୍ୟମନ୍ଦିର ଧ୍ୱଂସ ହେବା ସତ୍ତ୍ୱେ ଭାରତୀୟଙ୍କ ଦୃଢ଼ ସଙ୍କଳ୍ପ ଯୋଗୁଁ ଏହାର ପୁନଃ ନିର୍ମାଣ ହୋଇଥିଲା । ଆଜି ମୋଧେରା ଦେଶର ପ୍ରଥମ ସମ୍ପୂର୍ଣ୍ଣ ସୌରଚାଳିତ ସୂର୍ଯ୍ୟଗ୍ରାମ ପାଲିଟିଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଛନ୍ତି ।

ସ୍ୱଚ୍ଛତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅକ୍ଟୋବର ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ ଦେଶବ୍ୟାପୀ ଚାଲିଥିବା ନଦୀ, କୂଅ ଓ ସମୁଦ୍ରକୂଳ ସଫେଇ କାର୍ଯ୍ୟକ୍ରମରେ ଜନଭାଗିଦାରୀକୁ ଗାନ୍ଧିଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରଧାନମନ୍ତ୍ରୀ ଅଭିହିତ କରିଛନ୍ତି ।

ପଶ୍ଚିମବଙ୍ଗର ସୁନ୍ଦରବନଠାରେ ମହିଳାମାନଙ୍କଦ୍ୱାରା ଚିରହରିତ୍ ଜଙ୍ଗଲ ସୃଷ୍ଟିର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ସମସ୍ତଙ୍କୁ ପରିବେଶ

ସଂରକ୍ଷଣ କରିବା, ପ୍ରକୃତିର ସନ୍ତୁଳନକୁ ସମ୍ମାନ ଦେବା ଏବଂ ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***Voice (PM - Mangroov)*** :......

ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରଖିବାପାଇଁ ଦେଶବ୍ୟାପୀ ଶହେ ସପ୍ତାହର ଏକ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି, ଯେଉଁଥିରେ ମାଇଁ ଭାରତ ପ୍ଲାଟ୍‌ଫର୍ମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବବର୍ଗ ସଚେତନତା ସୃଷ୍ଟି କରୁଛନ୍ତି । ଆଗାମୀ ଦିନରେ ଏହି ଅଭିଯାନର ଅଂଶବିଶେଷ ଭାବେ ସ୍ୱାସ୍ଥ୍ୟପରୀକ୍ଷା ଏବଂ ଧ୍ୟାନ ଶିବିର ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶ ଚଳିତମାସରେ ଭକ୍ତି ଓ ଉତ୍ସାହର ସହ ଗଣେଶ ଉତ୍ସବ ପାଳନ କରିଛି । ଥାଇଲାଣ୍ଡର ପାନ୍ଥୋନ୍ ଥିରଖାନୋନ୍ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ଭାରତର ଆସ୍ଥା କଳା ଏବଂ ସଂସ୍କୃତିକ ପରମ୍ପରା ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଲୋକପ୍ରିୟତା ହାସଲ କରୁଛି ।

# ଅମିତ ଶାହା – ଗୁଜରାଟ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ସାବରମତୀଠାରେ ୧ ହଜାର ୫୦୦ କୋଟି ଅଧିକ ଟଙ୍କାର ଏକାଧିକ ରେଳ ପ୍ରକଳ୍ପର ଉଦ୍‌ଘାଟନ

ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ସାବରମତୀ ଷ୍ଟେସନରୁ ଦେଶର ପ୍ରଥମ LNG ଚାଳିତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି ।

ଦେଶର ଏହି ପ୍ରଥମ LNG ଚାଳିତ ଟ୍ରେନ୍‌ରେ ଡିଜେଲ୍ ସହ ତରଳ ପ୍ରାକୃତିକ ଗ୍ୟାସ୍ ଦ୍ୱୈତ-ଇନ୍ଧନ ବ୍ୟବସ୍ଥା ବ୍ୟବହୃତ ହୋଇଛି। ଏଥିରେ ଦୁଇଟି ୧ ହଜାର ୪୦୦ ଅଶ୍ୱଶକ୍ତି କ୍ଷମତାବିଶିଷ୍ଟ 'ଡ୍ରାଇଭିଂ ପାୱାର କାର୍' ରହିଛି, ଯାହା ପାରମ୍ପାରିକ ଡିଜେଲ୍ ବ୍ୟବହାରକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସକ୍ଷମ। ଭାରତର ପରିବେଶ-ଅନୁକୂଳ ପରିବହନ ଯାତ୍ରା ଏବଂ ଦେଶର ମୋଟ୍ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମ ଲକ୍ଷ୍ୟ ହାସଲ ଦିଗରେ ଏହି ଟ୍ରେନ୍‌ର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

ଏକ ଜନସଭାକୁ ସମ୍ବୋଧନ କରି ଶ୍ରୀ ଶହା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଭାରତୀୟ ରେଳବାଇରେ ହୋଇଥିବା ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ।

***Voice (Amit Shah-Gujatat)*** :.........

କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଉପସ୍ଥିତ ଥିଲେ ।

## ଭି.ପି. - କେରଳମ୍

ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଆଜି କେରଳମ୍‌ର କୋଲ୍ଲାମ ସ୍ଥିତ ଅମୃତପୁରୀରେ ମାତା ଅମୃତାନନ୍ଦମୟୀଙ୍କ ୭୩ତମ ଜନ୍ମବାର୍ଷିକୀର ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ସମାବେଶକୁ ଉଦ୍‌ବୋଧନ ଦେଇ ଉପ-ରାଷ୍ଟ୍ରପତି କହିଥିଲେ, ମାତା ଅମୃତାନନ୍ଦମୟୀଙ୍କ ସମଗ୍ର ଜୀବନ ମାନବଜାତି ପାଇଁ ପ୍ରେମ ଓ ସେବାର ଏକ ବାର୍ତ୍ତା ବହନ କରେ। ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ସହ ପ୍ରେମ ଓ କରୁଣାର ଅଭାବ ଦୂର କରିବାପାଇଁ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗୀକୃତ ଥିଲା ବୋଲି ଉପରାଷ୍ଟ୍ରପତି କହିଥିଲେ ।

ନେପାଳ ବନ୍ୟା ପ୍ରଭାବିତଙ୍କ ପାଇଁ ଉପ-ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ମିଳିତ ଭାବେ ଭାରତରେ ଥିବା ନେପାଳର ରାଷ୍ଟ୍ରଦୂତ ସୁରେନ୍ଦ୍ର ଥାପାଙ୍କୁ ‘ମାତା ଅମୃତାନନ୍ଦମୟୀ ମଠ’ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଚେକ୍ ପ୍ରଦାନ କରିଥିଲେ। ପରେ ଉପ-ରାଷ୍ଟ୍ରପତି ତିରୁଅନନ୍ତପୁରମ ଗସ୍ତ କରି ବଲାରାମାପୁରମ ସ୍ଥିତ ‘ଏସ.ୟୁ.ଟି. ଏକାଡେମୀ’ର ସ୍ନାତକୋତ୍ତର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

## କଙ୍ଗୋ - ଭେସେଲ୍ କୋଲାପ୍ସ

ପୂର୍ବ କଙ୍ଗୋର କିଭୁ ହ୍ରଦରେ କିଛି ବ୍ୟବସାୟୀମାନଙ୍କୁ ନେଇ ଯାଉଥିବା ଏକ ଜାହାଜ ଓଲଟିପଡ଼ିବା ଫଳରେ ୧୨ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ନିଖୋଜ ଅଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ୫୦ରୁ ଅଧିକ ଲୋକଙ୍କୁ ନେଇ ଯାଉଥିବା ଏହି ଜାହାଜଟି ଗତ ରାତିରେ ଦକ୍ଷିଣ କିଭୁ ପ୍ରଦେଶର ଇଜୱି ଦ୍ୱୀପ ନିକଟରେ ଓଲଟିପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ତେବେ ଦୁର୍ଘଟଣାର କାରଣ ଅଦ୍ୟାବଧି ଜଣାପଡ଼ି ନାହିଁ। ଇଜୱି ଦ୍ୱୀପର ବ୍ୱିନାଠାରୁ ବୋଜାକୁ କିଛି ବ୍ୟବସାୟୀ ସାମଗ୍ରୀ ନେଇ ଯାଉଥିବା ସମୟରେ ଜାହାଜଟି ଓଲଟିପଡ଼ିଥିବା ଜଣାପଡ଼ିଛି ।

## ସେବା ସଙ୍କଳ୍ପ - ନମୋ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି

ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ନମୋ ଭାରତ ଦ୍ରୁତଗାମୀ ରେଳ' ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

'ନମୋ ଭାରତ' ହେଉଛି ଭାରତର ପ୍ରଥମ ଆଞ୍ଚଳିକ ଦ୍ରୁତ ଗମନାଗମନ ବ୍ୟବସ୍ଥା । ଏହା ୮୨ ଦଶମିକ ୧/୫ କିଲୋମିଟର ବିଶିଷ୍ଟ ଏକ ସେମି-ହାଇ ସ୍ପିଡ୍ କରିଡର୍, ଯାହା ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏହା ୩୦ ହଜାର ୨୭୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ମାସରୁ କାର୍ଯ୍ୟକ୍ଷମ ହୋଇଥିବା ଏହି ସେବା ଦିଲ୍ଲୀ-ମେରଠ ଯାତ୍ରା ସମୟକୁ ଏକ ଘଣ୍ଟା ମଧ୍ୟରେ ସୀମିତ କରିଦେଇଛି ଏବଂ ଏହା ତିନୋଟି ମେଟ୍ରୋ ଲାଇନ୍, ଦୁଇଟି ରେଳ ଷ୍ଟେସନ୍ ଓ ଚାରୋଟି ବସ୍ ଟର୍ମିନାଲ୍ ସହିତ ସଂଯୁକ୍ତ ହୋଇଛି। ପ୍ରତ୍ୟେକ ଟ୍ରେନ୍‌ରେ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର କୋଚ୍ ରହିଛି । ଏହାର ପ୍ଲାଟଫର୍ମଗୁଡ଼ିକ ମଧ୍ୟ ଅତ୍ୟାଧୁନିକ ସୁରକ୍ଷା ଦ୍ୱାରର ବ୍ୟବସ୍ଥା କରାଯାଇଛି। ଏହି ଦ୍ରୁତଗାମୀ ରେଳ ସେବାର ଶୁଭାରମ୍ଭ ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, 'ନମୋ ଭାରତ' ଟ୍ରେନ୍‌ରେ ଆଧୁନିକ ବ୍ୟବସ୍ଥା ସହ ଚମତ୍କାର ବେଗର ସମନ୍ୱୟ ରହିଛି। ସେ ଆହୁରି ମଧ୍ୟ କହିଥିଲେ, 'ନମୋ ଭାରତ' ଟ୍ରେନ୍ ନବଭାରତର ନୂତନ ଯାତ୍ରା ଏବଂ ସଂକଳ୍ପକୁ ପରିଭାଷିତ କରୁଛି।

'ନମୋ ଭାରତ'ର ସୁଚାରୁ ସଂଯୋଜନା ବ୍ୟବସ୍ଥା ସହର ମଧ୍ୟରେ ଦ୍ରୁତ ଗତିରେ ଯାତ୍ରା ସୁନିଶ୍ଚିତ କରେ ଏବଂ ଭାରତରେ ସମନ୍ୱିତ ସହରୀ ତଥା

ଆଞ୍ଚଳିକ ପରିବହନ ବ୍ୟବସ୍ଥା ପାଇଁ ଏକ ମାଇଲଖୁଣ୍ଟ ସ୍ଥାପନ କରେ। ଏହା ସଡ଼କ ପଥରେ ଯାନବାହାନର ଭିଡ଼ କମାଇବା ସହ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ ପାଇଛି ।

## ଏସିଆନ୍ ଗେମ୍ସ

ଜାପାନର ଆଇଚି-ନାଗୋୟା ଠାରେ ଚାଲିଥିବା ୨୦୨୬ ଏସୀୟ କ୍ରୀଡ଼ାରେ ଭାରତର ଆନ୍ସୀ ସୋଜାନ ଏଡ଼ାପିଲ୍ଲୀ ମହିଳା ଲଙ୍ଗ୍ ଜମ୍ପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ହାଇଜମ୍ପ୍‌ରେ ସର୍ବେଶ କୁଶାରେଙ୍କୁ ମଧ୍ୟ ରୌପ୍ୟ ପଦକ ମିଳିଛି । ମହିଳା ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ହରିତା ଭଦ୍ରା କାଂସ୍ୟ ପଦକ ବିଜୟୀ ହୋଇଥିବାବେଳେ ଡିକାଥ୍‌ଲନ୍‌ରେ ତେଜସ୍ୱିନ ଶଙ୍କର କାଂସ୍ୟ ପଦକ ହାସଲ କରିଛନ୍ତି । ମହିଳା ୩ ହଜାର ମିଟର ଷ୍ଟିପୁଲ୍ ଚେସ୍‌ରେ ଭାରତର ପାରୁଲ୍ ଚୌଧୁରୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି ।

ସେହିପରି ସ୍କ୍ୱାଶ୍‌ରେ ଭାରତକୁ ଦୁଇଟି ରୌପ୍ୟ ପଦକ ମିଳିଛି । ଅଭୟ ସିଂହ ପୁରୁଷ ସିଙ୍ଗଲ୍ସ ବର୍ଗରେ ଏବଂ ଅନାହତ ସିଂହ ମହିଳା ସିଙ୍ଗଲ୍ସ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି ।

ବର୍ତ୍ତମାନ ଭାରତ ୪ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ ପଦକ ସହ ୩୭ଟି ପଦକ ପାଇ ପଦକ ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି ।

## କ୍ରିକେଟ୍ - ଓ.ଡି.ଆଇ.

ୱେଷ୍ଟ୍ଇଣ୍ଡିଜ୍ ବିପକ୍ଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ୨୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୧୦ ଓଭରରେ କୌଣସି ୱିକେଟ୍ ନ ହରାଇ ୭୦ ରନ୍ ସଂଗ୍ରହ କରିଛି । ଥିରୁବନନ୍ତପୁରମ୍ ସ୍ଥିତ ଗ୍ରୀନ୍‌ଫିଲ୍ଡ୍ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ୱେଷ୍ଟଇଣ୍ଡିଜ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭରରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍ ହରାଇ ୨୯୫ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ କୁଳଦୀପ ଯାଦବ ୪ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ନିତୀଶ ରେଡ୍ଡୀ ଗୋଟିଏ ୱିକେଟ୍ ପାଇଥିଲେ ।

*****